ପୃଷ୍ଠା : ଛଅ

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ୧୩ ମାର୍ଚ୍ଚ, ୨୦୨୪, ବୁଧବାର

ଜୀଇଁବାର କଳା ହିଁ ଜୀବନର ଦର୍ଶନ

ଭୁବନେଶ୍ୱର,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଧିକାରୀ ମାନଙ୍କ ଦ୍ୱାରା ଗଠିତ ଗ୍ଲୋବାଲ ସ୍ପିରିଚୁଆଲ ମିଶନ ର ବାର୍ଷିକ ଉତ୍ସବ ଧଉଳିଗିରି ପରିସର ସ୍ଥିତ ଶ୍ରୀଗଣେଶ ମନ୍ଦିର ପ୍ରାଙ୍ଗଣ ରେ ବିଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମହା ସମାରୋହ ରେ ଅନୁଷ୍ଠିତ ହୋଇଯାଇଅଛି, ମୁଖ୍ୟ ଅତିଥି ଭାବେ ଡକ୍ଟର ବିବୁଧ ରଂଜନ ଯୋଗଦାନ କରି ଜୀବନ ଦର୍ଶନ ଶୀର୍ଷକ ଆଲୋଚନା ଆରମ୍ଭ କରି କହିଲେ ଯେ,ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ନିଜେ ହିଁ ଜଣେ ଜଣେ ଦାର୍ଶନିକ ସେ ବିଭିନ୍ନ ଉଦାହରଣ ମାଧମରେ ଏହା ପ୍ରତିପାଦିତ କରିଥିଲେ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ରମାକାନ୍ତ ମିଶ୍ର ଯୋଗଦାନ କରି ଭଗବଦ ଗୀତାରେ ସାଂଖ୍ୟ ଯୋଗ ସଂପର୍କରେ ଆଲୋଚନା କରିଥିଲେ । ମଣିଷ ନିଜେ ନିଜକୁ ଚିହ୍ନିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଂପାଦକ ପରମେଶର ମିଶ୍ର ସାଗତ ଭାଷଣ ପ୍ରଦାନ କରିଥିଲେ। ମୁରଲିଧର ପଲାଇ ଜଗନ୍ନାଥ ସହସ୍ର ନାମ ପରିବେଷଣ କରିଥିଲେ ପ୍ରାରମ୍ଭରେ ଡାକ୍ତର ସୁଶୀଲ କୁମାର ମହନ୍ତି ଙ୍କ ତତ୍ତ୍ୱାବଧାନ ରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ବିଜୟ କୁମାର ବରାଳ, ବିଜୟ କୁମାର ଦାଶ, ପ୍ରସନ୍ନ କୁମାର ସାଇଁ, ଦେବରାଜ ମିଶ୍ର, ପ୍ରତାପ କୁମାର ମିଶ୍ର ଆଦି ପରିଚାଳନା କରିଥିବାବେଳେ, କୃଷ୍ଣଚନ୍ଦ୍ର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

ଦକ୍ଷିଣ ଓଡିଶା ଆଦିବାସୀ ମହାସଂଘର କାର୍ଯ୍ୟକାରିଣୀ ବୈଠକ

ନବରଙ୍ଗପୁର,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ସ୍ଥାନୀୟ ବିରସାମୁଣ୍ଡା ନଗର ସ୍ଥିତ ଭତରା ଭବନ ଠାରେ ଦକ୍ଷିଣ ଓଡିଶା ଆଦିବାସୀ ମହାସଂଘର ଦିତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋରାପୁଟ , ମାଲକାନଗିରି, ରାୟଗଡା ଓ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଆଦିବାସୀ ଛାମୁଆ ସଂଗଠନର କାର୍ଯ୍ୟକର୍ତ୍ତା ମାନଙ୍କ ସମେତ ସମାଜର ସମସ୍ତ ବ୍ଲକ ସଭାପତି ମାନଙ୍କ ସମେତ ସମସ୍ତ ସମାଜପତି ମାନେ ଯୋଗ ଦେଇଥିଲେ । ମହାସଂଘର ସଭାପତି ଅର୍ଜ୍ଜୁନ ଭତରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ମୁଖ୍ୟତଃ ତୃଣମୂଳ ସ୍ତରରେ ଆଦିବାସୀ ମହାସଙ୍ଘକୁ କିପରି ସୁଦୃଢ କରିବା , ଜିଲ୍ଲା ଭିତିକ ନିଯୁକ୍ତିକୁ ଜନସଂଖ୍ୟା ଭିତିରେ ଗ୍ରୁପ ସି ଓ ଡି ଅନୁସାରେ ନିଯୁକ୍ତି ଦେବାକୁ ଦାବି, ପେସା ଆଇନ ୧୯୯୬ ରେ ଆଇନରେ ପରିଣତ ହୋଇଥିଲେ ମଧ କାର୍ଯ୍ୟକାରୀ ନହେବା ଯୋଗୁଁ ଆଦିବାସୀ ମାନଙ୍କର ହକ ଅଧିକାରକୁ ବଞ୍ଚିତ କରାଯାଇଛି ତେଣୁ ଏହାର ସମାଧାନ କରିବା , ଆର ଡି ସି ଅଫିସ ବରମପୁରରେ ଯେତିକି ଅଭିଯୋଗ ହୋଇଥିବା ଜାଲ ଜାତି ପ୍ରମାଣ ପତ୍ର ଧାରୀଙ୍କୁ ଚିହ୍ନଟ କରି ତୁରନ୍ତ ଗିରଫ କରିବା , ୧୯୫୬ ମସିହା ଠାରୁ ୨୦୦୨ ପର୍ଯ୍ୟନ୍ତ ଯେତିକି ଆଦିବାସୀ ଜମି କିଣା ବିକ୍ରି ହେଉଛି ଏବଂ ୨୦୦୪ ମସିହାରେ ଫର୍ମ ୨ ବି ରେ ଯେଉଁ ମାନେ ଦାଖଲ କରିନାହାଁନ୍ତି ସେହି ଜମିକୁ ମୂଳ ବିକ୍ରେତାକୁ ଫେରସ୍ତ ଦେବାର ବ୍ୟବସ୍ଥା ଥିଲେ ମଧ ପ୍ରଶାସନ ନିରବତାକୁ ଦୃଢ ବିରୋଧ କରାଯାଇଥିଲା ।

ଆର୍ନ୍ତଜାତୀୟ ମହିଳା ଦିବସ

ଭୁବନେଶ୍ୱର,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ଓଡ଼ିଶାର ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ଦ୍ୱାରା ଆର୍ନ୍ତଜାତୀୟ ମହିଳା ଦିବସ ପୋଲିସ ସେବାଭବନର ସମ୍ମିଳନୀ କକ୍ଷରେ ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅରୁଣ କୁମାର ଷଡଙ୍ଗୀ, ଆରକ୍ଷୀ ମହାନିର୍ଦ୍ଦେଶକ, ଅତିଥି ଭାବେ ଆରକ୍ଷୀ ଆୟୁକ୍ତ ସଞ୍ଜୀବ କୁମାର ପଣ୍ଡା, ନମ୍ରତା ଚଢା ପ୍ରମୁଖ ଯୋଗଦାନ କରି ବିଭିନ୍ନ ପ୍ରେରଣାଦାୟୀ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଖେଳରେ କୃତି ସଭ୍ୟ ଓ ସଭ୍ୟାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳାମାନେ ସଂସାର ସ୍ରଷ୍ଟା। ସେମାନଙ୍କ ପାଇଁ ଓଡ଼ିଶା ପୋଲିସରେ ପ୍ରାୟ ୩୩% ମହିଳାମାନେ ଅତି ଦକ୍ଷତାର ସହ କାର୍ଯ୍ୟରତ ଅଛନ୍ତି ବୋଲି ଶ୍ରୀ ଷଡଙ୍ଗୀ କହିଥିଲେ। ସେହିଭଳି ପୁରୁଷମାନଙ୍କ କାଉନସିଂଲି ଉପରେ ଗୁରୁତ୍ୱାରୋପ କରିଥିଲେ ଶ୍ରୀମତି ଚଢା।

ଏନ୍ଏଚ୍ପିସି ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ପଞ୍ଜି.କାର୍ଯ୍ୟା. : ଏନ୍ଏଚ୍ପିସି କାର୍ଯ୍ୟାଳୟ ପରିସର, ସେକ୍ଟର-୩୩, ଫରିଦାବାଦ-୧୨୧୦୦୩ (ହରିୟାଣା)
CIN NO.-L40101HR1975GOI032564
ବିଜ୍ଞାପନ ସଂ. : ଏନ୍ଏଚ୍/ଭର୍ତ୍ତି/04/2023-24

ନିଜର ଦକ୍ଷତା ଦେଖାନ୍ତୁ....... ଆମ ସହ କ୍ୟାରିୟର ଗଢ଼ନ୍ତୁ

ଏନ୍ଏଚ୍ପିସି ଏବଂ ଏହାର ସଂଯୁକ୍ତ ଉଦ୍ୟୋଗ (ଏନ୍ଏଚ୍ଡିସି) ପାଇଁ ଗେଟ୍-୨୦୨୩ର ସ୍କୋର ମାଧ୍ୟମରେ ଟ୍ରେନି ଇଂଜିନିୟର/ଟ୍ରେନି ଅଫିସର ନିଯୁକ୍ତି

ଏନ୍ଏଚ୍ପିସି, ଏକ ପ୍ରମୁଖ ସିଡ୍ୟୁଲ୍-ଏ, 'ମିନି ରତ୍ନ' କମ୍ପାନୀ, ଏନ୍ଏଚ୍ପିସି ଲିମିଟେଡ୍ ଏବଂ ଏହାର ଜେଭି ଏନ୍ଏଚ୍ଡିସି ଲିମିଟେଡ୍‌ରେ ସାମିଲ ହେବା ପାଇଁ ବ୍ରାଇଟ୍ ଏକାଡେମିକ ରେକର୍ଡ ଥିବା ଯୁବବର୍ଗର ଟ୍ରେନି ଇଞ୍ଜିନିୟର / ଅଫିସରମାନଙ୍କୁ ଖୋଜୁଛି । ଖାଲିଥିବା ସ୍ଥାନଗୁଡିକ ବିବରଣୀ ଏହି ପ୍ରକାରେ :

ଏନ୍ଏଚ୍ପିସି ପାଇଁ

କ୍ର. ସଂ.	ପଦର ନାମ	ଖାଲିଥିବା ପଦବୀ ସଂଖ୍ୟା
1	ଟ୍ରେନିଂ ଇଂଜିନିୟର (ସିଭିଲ୍)	80
2	ଟ୍ରେନିଂ ଇଂଜିନିୟର (ମେକାନିକାଲ୍)	74
3	ଟ୍ରେନିଂ ଇଂଜିନିୟର (ଇଲେକ୍ଟ୍ରିକାଲ୍)	72
4	ଟ୍ରେନିଂ ଇଂଜିନିୟର (ଇ ଆଣ୍ଡ ସି)	04
5	ଟ୍ରେନିଂ ଇଂଜିନିୟର/ଅଫିସର (ଆଇଟି)	15
6	ଟ୍ରେନିଂ ଅଫିସର (ଜିୟୋଲୋଜି)	03
7	ଟ୍ରେନିଂ ଇଂଜିନିୟର/ଟ୍ରେନି ଅଫିସର (ପରିବେଶ)	06

ଏନ୍ଏଚ୍ଡିସି ପାଇଁ

କ୍ର. ସଂ.	ପଦର ନାମ	ଖାଲିଥିବା ପଦବୀ ସଂଖ୍ୟା
1	ଟ୍ରେନିଂ ଇଂଜିନିୟର (ସିଭିଲ୍)	11
2	ଟ୍ରେନିଂ ଇଂଜିନିୟର/ଅଫିସର (ଆଇଟି)	04

ପ୍ରାର୍ଥୀମାନେ ଏନ୍ଏଚ୍ପିସିର ୱେବ୍‌ସାଇଟ୍ http://www.nhpcindia.com/career.htmରେ କ୍ୟାରିୟର ବିଭାଗକୁ ଯାଇ ପଦବୀ ଏବଂ ବର୍ଗ ଅନୁସାରେ ଖାଲି ପଦବୀ, ଯୋଗ୍ୟତା ସର୍ତ୍ତ ଏବଂ ଅନ୍‌ଲାଇନ ଆବେଦନ ପୂରଣ ପାଇଁ ନିର୍ଦ୍ଦେଶାବଳୀ ସହିତ ବିସ୍ତୃତ ବିଜ୍ଞାପନ ଦେଖିପାରିବେ । କେବଳ ଅନ୍‌ଲାଇନ ମୋଡ୍‌ରେ ଆବେଦନ ଗ୍ରହଣ କରାଯିବ ।

ଅନ୍‌ଲାଇନ ପୋର୍ଟାଲ୍ ଖୋଲିବାର ତାରିଖ : 06.03.2024 (10:00 AM)
ଅନ୍‌ଲାଇନ ପୋର୍ଟାଲ୍ ବନ୍ଦ ହେବାର ଶେଷ ତାରିଖ : 26.03.2024 (06:00 PM)

CBC 34128/12/0009/2324

ଶିକ୍ଷକ ମହାସଂଘର ପେନସନ ଅନୁଦାନକୁ ବିରୋଧ

ଭୁବନେଶ୍ୱର ,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଦୀର୍ଘ ଏକ ମାସ ଧରି ତା'ର ଆନ୍ଦୋଳନ ଅବ୍ୟାହତ ରଖିଛି। ଏହି ଆନ୍ଦୋଳନକୁ ସାରା ଓଡ଼ିଶାର ମାଧ୍ୟମିକ ଶିକ୍ଷକମାନେ ଅକୁଣ୍ଠ ସମର୍ଥନ ସାହାଯ୍ୟ ସହଯୋଗ ଦେଇ ଆସୁଛନ୍ତି ଏବଂ ଅବ୍ୟାହତ ରଖିଛନ୍ତି। ନୂତନ ଅନୁଦାନପ୍ରାପ୍ତ ଶିକ୍ଷକମାନଙ୍କ ଚାକିରି ସର୍ତ୍ତାବଳୀ ନାହିଁ କିମ୍ବା ଅନୁଦାନ ନିୟମ ଆଧାରରେ ଅନୁଦାନ ଦିଆଯାଏ ନାହିଁ। ଅବସର ପରେ ଶିକ୍ଷକମାନଙ୍କୁ ଅବସରକାଳୀନ ସୁବିଧା ସୁଯୋଗ ମିଳେ ନାହିଁ। ଏହି ସମୟରେ ଓଡ଼ିଶା ହାଇକୋର୍ଟ ତାଙ୍କ ରାୟରେ ମାଧ୍ୟମିକ ଶିକ୍ଷକମାନଙ୍କୁ ପେନସନ ଦେବାକୁ ମତ ପ୍ରଦାନ କରିଥିବାବେଳେ ଓଡ଼ିଶା ସରକାର ଏହି ଆଇନକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ (ଉଚ୍ଚତମ ନ୍ୟାୟାଳୟର ଆଶ୍ରୟ ନେବା ସହିତ) ଶିକ୍ଷକଙ୍କ ଅବସର ପରେ ଏକକାଳୀନ ଛଅ ଲକ୍ଷ ଟଙ୍କା ମୁଣ୍ଡାମୁଣ୍ଡି ପେନସନ ବାବଦ ଅର୍ଥରାଶି ଏକକାଳୀନ ନେଇ ଘରକୁ ବିଦାୟ କରିବାକୁ ଯେଉଁ ଚକ୍ରାନ୍ତ କରିଛନ୍ତି ତାହାକୁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଗ୍ରହଣ କରିପାରୁନାହିଁ। ଏହା ଓଡ଼ିଶାର ଗ୍ରାଣ୍ଟ-ଇନ-ଏଡ଼ ନିୟମର ଚରମ ବିରୋଧାଚରଣ କରୁଥିବାରୁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଏହାକୁ ଦୃଢ ଭାବରେ ବିରୋଧ କରୁଛି ଓ ସେମାନଙ୍କ ପାଇଁ ପୁରାତନ ହାରରେ ପେନସନ ଲାଗୁ କରିବାକୁ ଦାବି କରିଛି।

ପୁଲିସ୍ ତରଫରୁ ଚଢ଼ାଉ: ଦେଶୀମଦ ଜବତ ପୋଚ ନଷ୍ଟ

ସୋର,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ସୋର ଥାନା ସରଳିଆ ଗ୍ରାମରେ ସୋର ପୁଲିସ ତରଫରୁ ଚଢ଼ାଉ କରି ପୋଚନଷ୍ଟ କରିବା ସହିତ ଦେଶୀମଦ ଜବତ କରି ଜଣକୁ ଗିରଫ କରି ସୋମବାର ଅପରାହ୍ନ ୪.୪୫ ମିନିଟ ସମୟରେ କୋର୍ଟ ଚାଲାଣ କରିଛି। ସୋର ପୁଲିସ ଏହି ଗ୍ରାମର ରାଜେନ୍ଦ୍ର ବେହେରାଙ୍କ ବେଆଇନ ଦେଶୀମଦ ରନ୍ଧା କାରଖାନାରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ପୁଲିସ ୧୦୦୦ ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୧୦୦ ଲିଟର ଦେଶୀମଦ ଜବତ କରି ରାଜେନ୍ଦ୍ରକୁ ଗିରଫ କରିଥିଲେ। ଏ ବାବଦରେ ପୁଲିସ ୧୮୯/୨୪ ରେ ଏକ ମାମଲା ରୁଜୁ କରି ରାଜେନ୍ଦ୍ରର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରିଛି।

ନିଶା କାରବାର ନିୟନ୍ତ୍ରଣ ନେଇ ଏସଆଇଟି ବୈଠକ

କଟକ,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

କଳାଧନ ସଂପର୍କିତ ଏସଆଇଟି ବୈଠକ ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିଶା କାରବାର ନିୟନ୍ତ୍ରଣ ଉପରେ ବିଶେଷ ଆଲୋଚନା କରାଯାଇଛି । ଏହି ବୈଠକ ପରେ ଜଷ୍ଟିସ୍ ପଶାୟତ କହିଛନ୍ତି, ନିଶା କାରବାର ଉପରେ ନିୟନ୍ତ୍ରଣ ଏକ ବଡ ଚ୍ୟାଲେଞ୍ଜ । ନିର୍ବାଚନ ସମୟରେ ନିଶା ଓ ଉପହାର ଦେବା ଉପରେ ନଜର ରହିବ । ଗିଫ୍ଟ କୁପନ୍ ଜରିଆରେ ଭୋଟରଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି । ଅଧିକାରୀମାନଙ୍କୁ ଏସବୁ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି । କିଛି କ୍ଷେତ୍ରରେ ଆଇନର ପରିବର୍ତ୍ତନ ଆବଶ୍ୟକ ପଡୁଛି । ଭିଜିଲାନ୍ସ କରିଥିବା ମାମଲାର ବିବରଣୀ ଇଡିକୁ ଦେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ମାହାଙ୍ଗା,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୁର୍ତାଙ୍ଗ ପଂଚାୟତସ୍ଥ ବରିଷ୍ଠ ନାଗରିକ ଜନ କଲ୍ୟାଣ ମଂଚ ନୁର୍ତାଙ୍ଗ ଓ ପଦ୍ମିନୀ କେୟାର ହସ୍ପିଟାଲ ଟାଙ୍ଗୀର ମିଳିତ ଆନୁକୁଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ନୁର୍ତାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜେ.ଏନ କଲେଜ ପରିଚାଳନା କମିଟି ସଭାପତି ଡଃ ପ୍ରତାପ କୁମାର ଚୌଧୁରୀ ଉଦ୍ଘାଟକ ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏଥିରେ ଡାକ୍ତର ଦୀପକ ସ୍ୱାଇଁ,ଡାକ୍ତର ଦୀପକ ସୁତାର ,ଡାକ୍ତର ସତ୍ୟଜିତ ସେନ ଓ ଡାକ୍ତର ନିରାମୟ ମଧୁଓ୍ୱାଲା ପ୍ରମୁଖ ଯୋଗଦେଇ ମେଡିସିନ, କର୍ଣ୍ଣ,ନାସା, ଗଳା ,ଶିଶୁ ରୋଗ ଓ ସ୍ତ୍ରୀ ତଥା ପ୍ରସୂତୀ ବିଭାଗର ରୋଗୀମାନଙ୍କୁ ଚିକିତ୍ସା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଷ୍ଣୁଚରଣ ପଣ୍ଡା,ବିଦ୍ୟାଳୟର ପ୍ରଧାନଶିକ୍ଷକ ତାରିଣୀ ପ୍ରସାଦ ପୁହାଣ ପ୍ରମୁଖଙ୍କ ସମେତ ଉଭୟ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ସ୍ୱାଭିମାନ ମଞ୍ଚ ତରଫରୁ ୧୨ ଘଣ୍ଟିଆ ନୂଆପଡା ବନ୍ଦ ସଫଳ

ନୂଆପଡ଼ା,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ଓଡିଶା ସରକାରଙ୍କ ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ବିରୁଦ୍ଧରେ ଇଡି ଭିଜିଲାନ୍ସ ତଦନ୍ତ ତଥା ୧୧ ଦଫା ଦାବି ନେଇ ନୂଆପଡା ସ୍ୱାଭିମାନ ମଞ୍ଚ ତରଫରୁ ୧୨ ଘଣ୍ଟିଆ ନୂଆପଡା ବନ୍ଦ ଡାକରା ଦିଆଯାଇଥିଲା। ଯାହାକି ସଫଳ ହୋଇଛି। ଚକ ଅଖ ଦୋକାନ ବଜାର ସହ ସମସ୍ତ ସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା। ୩୫୩ ଜାତୀୟ ରାଜପଥକୁ ସ୍ଥାନୀୟ ଏକତା ଛକ ଠାରେ ଅବରୋଧ କରାଯାଇଥିଲା। ଫଳରେ ରାସ୍ତାର ଉଭୟ ପଟରେ ଶତାଧିକ ବସ ଟ୍ରକ ଛିଡା ହୋଇ ରହିଥିଲା। ମନ୍ତ୍ରୀ ଶ୍ରୀ ଢୋଲକିଆଙ୍କ କୁଶ ପୁତଳିକା ଦାହ କରିବା ସଙ୍ଗେ ଢୋଲକିଆ ହଟାଓ ନୂଆପଡା ବଚାଓ ନାରାବାଜି କରାଯାଇଥିଲା। ଏହି ବନ୍ଦ ପାଳନରେ ବିଜେଡି ରାଜ୍ୟ ସମ୍ପାଦକ ସରୋଜ ସାହୁ, ଜିଲ୍ଲା ସଭାପତି ମନୋଜ ମିଶ୍ର ଉପ ସଭାପତି ଭାନୁ ମାଝୀ, ଜିଲ୍ଲା ଯୁବ ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲ୍ଲା ସମ୍ପାଦକ ସୁଧୀର ମିଶ୍ର ହେମନ୍ତ କର ଓ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

ଚାଲାଣ ବେଳେ ୨୮ ଗୋରୁ ଉଦ୍ଧାର: ଡ୍ରାଇଭର ଫେରାର

ସୋର,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ସୋର ଥାନା ଅଧିନ ବାରିକପୁର ହାଟରେ ସୋର ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ୨୮ଟି ଗୋରୁଙ୍କୁ ଉଦ୍ଧାର କରିବା ସହିତ ଦୁଇଟି ଗାଡି ଜବତ କରାଯାଇଛି। ସୂଚନା ଅନୁସାରେ ଗତକାଲି ରାତିରେ ବାରିକପୁର ହାଟରୁ ଦୁଇଟି ଗାଡ଼ିରେ ୨୮ଟି ଗୋରୁ କଲିକତା ଅଭିମୁଖେ ଚାଲାଣ ହେଉଥିବା ଖବର ପାଇ ସୋର ପୁଲିସ ଚଢ଼ାଉ କରିଥିଲେ। ଏହି ସମୟରେ ଗାଡିର ଡ୍ରାଇଭର ଓ ହେଲ୍ପର ଗାଡି ଛାଡି ଫେରାର ହୋଇଯାଇଥିବା ବେଳେ ପୁଲିସ ନମ୍ବର ବିଶିଷ୍ଟ ଏକ ଟ୍ରକରୁ ୨୦ ଟି ଓ ନମ୍ବର ବିଶିଷ୍ଟ ପିକଅପରୁ ୮ ଗୋରୁଙ୍କୁ ଉଦ୍ଧାର କରିଥିଲେ। ପରେ ଗୋରୁ ଗୁଡିକୁ ମଇତାପୁର ଗୋଶାଳାରେ ଛାଡିଥିବା ବେଳେ ଗଡ଼ି୨ଟିକି ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ମୃତକଙ୍କ ପରିବାରକୁ ଭେଟିଲେ ପ୍ରସାଦ ହରିଚନ୍ଦନ

ଯାଜପୁର,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ଯାଜପୁର ବ୍ଲକ ଜମଧର ପଂଚାୟତ ସ୍ୱପ୍ନେଶ୍ୱରପୁର ଗ୍ରାମର କାଳନ୍ଦୀ ମଳିକଙ୍କୁ ରାସ୍ତା ଉପରେ ହାଣି ହତଯା କରାଯାଇଥିଲା । ଆଜି ସନ୍ଧ୍ୟାରେ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ତଥା ପ୍ରଦେଶ କଂଗ୍ରେସ କମିଟିର ନିର୍ବାଚନ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରସାଦ ହରିଚନ୍ଦନ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏପରିକି ପୁଲିସର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପରିବାରଙ୍କ ଠାରୁ ପଚାରି ବୁଝିଥିଲେ । ପରେ ସେ ଥାନାକୁ ଯାଇ ଘଟଣା ସଂପର୍କରେ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର କ୍ଷତିପୂରଣ,ଆବାସ ଯୋଜନାରେ ଘର ଏବଂ ହତ୍ୟାକାଣ୍ଡର ସଠିକ ତଦନ୍ତ କରିବାକୁ ଶ୍ରୀ ହରିଚନ୍ଦନ ଦାବି ଉପସ୍ଥାପିତ କରିଥିଲେ। ସୂଚନା ଥାଉକି ଗତ ୯ ତାରିଖ ଦିନ କାଳନ୍ଦୀଙ୍କୁ ସର୍ବ ସମ୍ମୁଖରେ ହାଣି ହତଯା କରାଯାଇଥିଲା। ଘଟଣା ସ୍ଥଳରେ କାଳନ୍ଦୀର ମୃତ ଘଟିଥିଲା। ପରେ ଏହି ଘଟଣାକୁ ନେଇ ମୃତକଙ୍କ ପରିବାର ଓ ସଂପର୍କୀୟ ଲୋକ ସରପଂଚଙ୍କ ସଂପୃକ୍ତି ଥିବା କହିବା ସହ ୨୦ ନଂ ଜାତୀୟ ରାଜପଥକୁ ୧୫ ଘଂଟା ଅବରୋଧ କରି ରଖିଥିଲେ।

ବୌଦ୍ଧ ଜିଲ୍ଲା ମହାନଦୀ ଓ ତେଲନଦୀ ଉପରେ ସେତୁର ଲୋକାର୍ପଣ

ବୌଦ୍ଧ,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଆଭାସୀ ଜରିଆରେ ବୌଦ୍ଧ ଜିଲ୍ଲାର ତିନୋଟି ସେତୁର ଲୋକାର୍ପଣ କରିଥିବା ବେଳେ ଗୋଟିଏ ସେତୁର ଶିଳାନ୍ୟାସ କରିଛନ୍ତି । ବୌଦ୍ଧଜିଲ୍ଲାର ହରଭଙ୍ଗା ବ୍ଲକର ମହାନଦୀ ଉପରେ ନିର୍ମିତ ଧଳପୁର- ଆଠମଲ୍ଲିକ ସେତୁ, ବୌଦ୍ଧ ସହରରେ ବୌଦ୍ଧ- ମର୍ଯ୍ୟାକୁଦ ଉପରେ ନିର୍ମାଣ କରାଯାଇଥିବା ସେତୁ, କନ୍ଧମାଳ ବ୍ଲକର ତେଲନଦୀ ଉପରେ ଫାସେଡ ଠାରେ ଫାସେଡ-ରାକଡୋଲ ସେତୁର ଲୋକାର୍ପଣ ହୋଇଥିବା ବେଳେ ମହାନଦୀ ଉପରେ ବାଉଁଶୁଣୀ ଠାରେ ବାଉଁଶୁଣୀ- ବିରମହାରାଜପୁର ସେତୁ ଶିଳାନ୍ୟାସ କରିଛନ୍ତି । ଧଳପୁର - ଆଠମଲ୍ଲିକ ସେତୁ ୧୫୯ କୋଟି ୩୧ ଲକ୍ଷ ଟଙ୍କା, ମର୍ଯ୍ୟାକୁଦ ସେତୁ ୭୧ କୋଟି ୫୯ ଲକ୍ଷ ଟଙ୍କା, ସେହିପରି ଫାସେଡ-ରାକଡୋଲ ସେତୁ ୪୫ କୋଟି ୮୪ ଲକ୍ଷ ଟଙ୍କାରେ ନିର୍ମିତ ସେତୁକୁ ଉଦଘାଟନ କରିଥିବା ବେଳେ ୧୫୫ କୋଟି ୭୨ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ବାଉଁଶୁଣୀ- ବିରମହାରାଜପୁର ସେତୁର ଶିଳାନ୍ୟାସ କରିଥିଲେ । ଏହି ଅବସରରେ ବୌଦ୍ଧ ପୟାରେଡ ପଡିଆ ଠାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ବୌଦ୍ଧ ବିଧାୟକ ତଥା ଜଙ୍ଗଲ ଓ ପରିବେଶ, ପଂଚାୟତରାଜ, ପାନୀୟଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ଆଜି ହେଉଛି ବୌଦ୍ଧଜିଲ୍ଲା ପାଇଁ ଏକ ଖୁସିର ଦିନ ଆଜିର ଦିନ ବୌଦ୍ଧଜିଲ୍ଲା ଓ ସୋନପୁର ଜିଲ୍ଲାର ବିକାଶପଥରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ ହୋଇଛି। ଯାହା ବାଉଁଶୁଣୀ- ବିରମହାରାଜପୁର ସେତୁର ଶିଳାନ୍ୟାସ ହୋଇଛି ବୋଲି କହିଥିଲେ । ଏବଂ ଧଳପୁର- ଆଠମଲ୍ଲିକ ସେତୁ, ତେଲନଦୀ ଉପରେ ଫାସେଡ-ରାକଡୋଲ ସେତୁ ଓ ବୌଦ୍ଧ-ମର୍ଯ୍ୟାକୁଦ ସେତୁ ଜିଲ୍ଲାବାସୀ ପାଇଛନ୍ତି ବୋଲି କହିଥିଲେ । କାର୍ଯ୍ୟକ୍ରମରେ କନ୍ଧମାଳ ବିଧାୟକ ମହୀଧର ରଣା, ବିରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା,ଜିଲ୍ଲାପାଳ ଜେ ସୋନାଲ, ଏସପି ରାଜ ପ୍ରସାଦ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଏନଏସି ଅଧ୍ୟକ୍ଷ ମୃତ୍ୟୁଂଜୟ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୟନିକା ସଭାପତି ପ୍ରକାଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

ନୂତନ ଜିଲ୍ଲାପାଳଙ୍କ ପ୍ରଥମ ଯୁଗ୍ମ ଜନଶୁଣାଣି :୭୪ ଅଭିଯୋଗରୁ ୩୯ଅଭିଯୋଗର ସମାଧାନ

କଳିଙ୍ଗନଗର,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍



ସରକାର ସାଧାରଣ ଜନତାଙ୍କ ବିଭିନ୍ନ ଅସୁବିଧା, ସମସ୍ୟା କୁ ଦେଖି ରାଜ୍ୟ ର ସମସ୍ତ ଜିଲ୍ଲାପାଳ , ଆରକ୍ଷକ ଅଧିକାରୀ ମିଳିତ ଆନୁକୂଲ୍ୟରେ ଜଣାଶୁଣା ହୋଇ ଲୋକଙ୍କ ସମସ୍ୟ ର ସମାଧାନ କରାଯିବା ଏପରିକି ଲୋକମାନଙ୍କ ବିଭିନ୍ନ ପ୍ରକାରର ସମସ୍ୟା ଜାଣିଶୁଣି ରେ ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଲୋକମାନେ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଉ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ଅଫିସ, କି ମୁନିସିପାଲଟି ଅଫିସ କୁ ଯିବାକୁ ପଡିବନି। ପ୍ରତି ମାସରେ ହେବାକୁ ଥିବା ଜାଣିଶୁଣି ରେ ସେମାନଙ୍କର ସମସ୍ୟା ସମାଧାନ ସହଜ ରେ କରିପାରିବେ. ଲୋକମାନଙ୍କ ସମସ୍ୟା ସମାଧାନ ପାଇଁ ଆଜି ଯାଜପୁର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମାର୍ଚ୍ଚ ମାସ ୨୦୨୪ ଆଜି ଦାନଗଦି ବ୍ଲକ ପରିଶରରେ ଜନ ଶୁଣାଣୀ କାର୍ଯ୍ୟକ୍ରମ ରେ ଯୋଗଦେଇ ଲୋକ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ସଙ୍ଗେ ସଙ୍ଗେ କରିଥିଲେ । ରାଜ୍ୟ ସରକାରଙ୍କ ଏହା ଏକ ଜନ କଲ୍ୟାଣ କାର୍ଯ୍ୟକ୍ରମ। ଏହିକ୍ରମେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୋଲିସ ପ୍ରଶାସନ ମିଳିତ ଆନୁକୁଲ୍ୟରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଧ୍ୟକ୍ଷତାରେ ଜିଲ୍ଲା ସଦର ମହକୁମା ସମେତ ବିଭିନ୍ନ ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହେବା ଦ୍ୱାରା ସେମାନଙ୍କ ବିଭିନ୍ନ ପ୍ରକାର ଆପତି ଅଭିଯୋଗ ଗୁଡ଼ିକର ସମାଧାନ କରି ସେମାନଙ୍କ ଜୀବନ ଜୀବିକା ସରଳ କରିବା ସହିତ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ, ଉନ୍ନତି ମୂଳକ ଯୋଜନାର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରୁଛନ୍ତି ।ଆଜି ଦାନଗଦି ବ୍ଲକ ରେ ହୋଇଥିବା ଜନ ଶୁଣାଣି ରେ ମୋଟ ୭୪ ଟି ଅଭିଯୋଗ ଆସିଥିବା ବେଳେ ୩୦ଟି ବ୍ୟକ୍ତିଗତ,୦୯ଟିସମୂହ ଅଭିଯୋଗ, ସ୍ୱାସ୍ଥ୍ୟ ସହାୟତା ପାଇଁ ୩୫ଟି ଅଭିଯୋଗ ଆସିଥିବା ବେଳେ ତୁରନ୍ତ ସମାଧାନ ୩୯ଟି ହୋଇଥିବା ସୂଚନା ମିଳିଛି ।ଜନଶୁଣାଣିରେ ପୂର୍ବରୁ ତେଲିବାହାଲୀ ରେ ଥିବା ଜମି ରେ କାରଖାନା ଛାଡୁଥିବା ବିଷାକ୍ତ ଜଳକୁ ଚାଷ ଜମିକୁ ଯିବାରୁ ଚାଷୀ ଧାନରେ ନିଆଁ ଲଗାଇ ଦେଇଥିଲେ। ଯାହା କି ଆଜି ପର୍ଯ୍ୟନ୍ତ କୈଣସି ଫଳ ମିଳି ନାହିଁ। ଦ୍ୱିତୀୟ ରେ ଚାନ୍ଦିଆ ପଞ୍ଚାୟତ ରେ ଥିବା ଗୋଲା ଗାଁରେ ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠିର ସଭାପତି ଓ ମିଶନଶକ୍ତି ର ଅଧିକାରୀ ଙ୍କ ବିରୋଧ ରେ ହୋଇଥିବା ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ନକରିବା ଓ ଟମକା ଅଞ୍ଚଳ ରେ ଗୋଟିଏ ଝିଅକୁ ଭଲପାଇବା ପରେ ଧୋକା ଦେବା ଅଭିଯୋଗ ରେ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କ ତୁରନ୍ତ ପଦକ୍ଷେପ ନେଇ ତୁରନ୍ତ ଦୋଷୀ କୁ ଆଇନ ଅନୁସାରେ ଦୃଢକାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆଦେଶ ଦେଇଥିଲେ ଯାହା କି ଜନଶୁଣାଣି ରେ ଏପରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପରେ ସଂପୃକ୍ତ ଅଭିଯୋଗ କାରୀ ମାନେ ବହୁତ ଖୁସି ବ୍ୟକ୍ତ କରିବା ସହିତ ଯାଜପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟ କୁ ସାଧାରଣ ରେ ବହୁତ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି।

ନିଃଶୁଳ୍କ ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗୀର,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ସ୍ଥାନୀୟ ଚାଣ୍ଡିମୁଣ୍ଡା ଗ୍ରାମସ୍ଥିତ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟଠାରେ ରୋଟାରୀ ଏଲିଟ ତରଫରୁ ନିଃଶୁଳ୍କ ଆୟୁର୍ବେଦିକ ଚିକିତ୍ସା ଶିବିର ଆୟୁର ସ୍ୱାସ୍ଥ୍ୟମେଳା ଆୟୋଜିତ ହୋଇଛି ଏହି ଶିବିରରେ ଆଖପାଖ ଗ୍ରାମର ପ୍ରାୟ ୨୩୦ ଜଣଙ୍କ ନାମ ପଞ୍ଜିକୃତ ହୋଇ ମାଗଣା ଚିକିତ୍ସା ସହିତ ଔଷଧ ପ୍ରଦାନ କରାଯାଇଥିଲା ଏହି ଶିବିରରେ ୪ଟି ବିଭାଗ ଯଥା ମେଡ଼ିସିନ, ସର୍ଜରୀ, ସ୍ତ୍ରୀ ଓ ପ୍ରସୂତି ସହିତ ଶିଶୁରୋଗର ଅଭିଜ୍ଞ ତଥା ପ୍ରତିଷ୍ଠିତ ଡାକ୍ତର ଯୋଗଦେଇ ସମସ୍ତଙ୍କୁ ଚିକିତ୍ସା କରିଥିଲେ ଶିବିରକୁ ସଫଳ କରିବାପାଇଁ ଡାକ୍ତର ନିତ୍ୟାନନ୍ଦ ଦାସ ଠାକୁର, ଡାକ୍ତର ବିପିନ ବିହାରୀ ମିଶ୍ର, ଡାକ୍ତର ଚନ୍ଦ୍ରଶେଖର ସାମନ୍ତ, ଡାକ୍ତର ଆତ୍ମଜା କୁମାର ବିଶ୍ୱାଳ, ଡାକ୍ତର ଗଣେଷ ମେହେର, ଡାକ୍ତର ସୁଶାନ୍ତ କୁମାର ମେହେର, ଡାକ୍ତର ସୀମାଦ୍ରୀ ଭୂଷଣ ନାୟକ ଓ ଡାକ୍ତର ଜ୍ୟୋତିରଞ୍ଜନ ମେହେର ପ୍ରମୁଖ ମାଗଣା ଆୟୁର୍ବେଦିକ ଚିକିତ୍ସା ପ୍ରଦାନ କରିଥିଲେ ।

ବଳଭଦ୍ରପ୍ରସାଦ ପଂଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଖଣ୍ଡପଡ଼ା ,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ଖଣ୍ଡପଡା ବ୍ଲକ ଅଧିନ ବଳଭଦ୍ରପ୍ରସାଦ ପଂଚାୟତରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ସତୀକାନ୍ତ ସାହୁ, ଜିତେନ୍ଦ୍ର ସାହୁ, ସୌଭାଗ୍ୟ ରଞ୍ଜନ ସାହୁ, ସର୍ବେଶ୍ୱର ସାହୁ, ସୂର୍ଯ୍ୟମଣି ସାହୁ, ରମେଶ ଚନ୍ଦ୍ର ନାୟକ, ମହେନ୍ଦ୍ର ବେହେରା, ସନ୍ତୋଷ କୁମାର ବାରିକ, ପ୍ରକାଶ ସାହୁ, ଦିଲ୍ଲୀପ କୁମାର ନାୟକଙ୍କ ସମେତ ୭ ଶହରୁ ଉର୍ଦ୍ଧ୍ୱ କର୍ମୀ, କର୍ମକର୍ତ୍ତା ସଂଗଠକ, ପଂଚାୟତ ଲୋକପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପଂଚାୟତର ବିଭିନ୍ନ ଗ୍ରାମ ପରିକ୍ରମା ବେଳେ ପୂର୍ବତନ ବିଧାୟକ ଶ୍ରୀ ପଟ୍ଟନାୟକଙ୍କୁ ଜନସାଧାରଣ ଓ ବହୁ ମହିଳା ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ।

୬ ନମ୍ବର ରାଜ୍ୟ ରାଜପଥ ଗ୍ରାମବାସୀଙ୍କ ଦ୍ୱାରା ଅବରୋଧ

ଭବାନୀପାଟଣା, ୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟ ରାଜପଥ ୬ର ମରାମତି , ପୁନରୁଦ୍ଧାର ଓ ଉନ୍ନତି କରଣ କାମ ଦୀର୍ଘ ଦିନ ଧରି ଧିର ମନ୍ଥର ଗତିରେ ଚାଲିଛି। ଏହି ୧୨୦କି.ମ ଲମ୍ବ ରାସ୍ତା ଭବାନୀ ପାଟଣାରୁ ରାୟଗଡା ପର୍ଯ୍ୟନ୍ତ ରହିଛି ଓ ଆନ୍ଧ୍ର ପ୍ରଦେଶ ସହ ସଂଯୋଗ କରୁଛି। ଏହି ରାସ୍ତାରେ ଛୋଟ ବଡ଼ ଘାଟ ସେକସେନ ରହିଛି। ଏହି ରାସ୍ତା ବିପରଯ୍ୟ ଅବସ୍ଥାରେ ଅଛି। ଧୂଳି ମୟ ହୋଇ କୁହୁଡି ର ଭ୍ରମ ସୃଷ୍ଟି କରୁଛି ଓ ଜନସାଧାରଣ ଙ୍କ ସ୍ୱାସ୍ଥ୍ୟରେ ବାଧକ ହେଉଛି। ଏହି ରାସ୍ତାରେ ଦିନ ସାରା ଆନ୍ଧ୍ର, ରାୟଗଡ଼ା ଓ ଲାଞ୍ଜିଗଡ ପଟରୁ ଭାରି ଟ୍ରକ ଓ କଣ୍ଟେନର ମାନ ଯାତାୟାତ କରୁଛି। ଏ ସ୍ଥିତିର ପ୍ରତିବାଦ କରି ଆଜି ବଡ଼ଧାରପୂର୍ ଠାରେ ଗ୍ରାମ ବାସି ମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ସକାଳୁ ପ୍ରାୟ ଦିନ ଦୁଇଟା ଯାଏଁ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ପରେ ପୋଲିସ ଓ ପୂର୍ତ୍ତ ବିଭାଗ ଅଧିକାରୀ ଗଣ ରାସ୍ତା ନିର୍ମାଣ କାର୍ଯ୍ୟ ଶିଘ୍ର ସମ୍ପୂର୍ଣ କରିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ଦୂର ହୋଇଥିଲ । ଗ୍ରାମବାସୀ ଚେତାବନୀ ଦେଇଛନ୍ତି ବିଭାଗ ଯଦି ଗୁରୁତର ସହ ନେଇ ରାସ୍ତକାମକୁ ଠିକରୂପରେ ନକରନ୍ତି, ତାହାହେଲେ ଆଗାମୀ ଦିନରେ ବିରାଟ ଧରଣର ଆନ୍ଦୋଳନ ହେବ।

କେବିକେ ଅଂଚଳରେ ରେଳପଥର ବିକାଶ - ଏକ ସମ୍ଭାବନା

ବଲାଙ୍ଗୀର ,୧୨।୩ : ଏକ୍ସପ୍ରେସ୍ ନ୍ୟୁଜ୍

ସ୍ଥାନୀୟ ପି.ପି. ଏକାଡେମୀ ସମ୍ମିଳନୀ କକ୍ଷରେ ପ୍ରବୁଦ୍ଧ ପାଠକ ସଂସଦର ଏକ ଆଲୋଚନା ଚକ୍ର ନୀଳମଣି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଭିଜନ ୨୦୩୪- କେବିକେ ଅଂଚଳରେ ଆଗାମୀ ଦଶ ବର୍ଷ ମଧ୍ୟରେ ରେଳପଥର ବିକାଶର ଏକ ବ୍ଲୁ ପ୍ରିଣ୍ଟ - ବିଷୟ ଆଧାରରେ ମୁଖ୍ୟ ଅତିଥି ଡ. ଶ୍ରୀକର ମିଶ୍ର, ମୁଖ୍ୟବକ୍ତା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସମ୍ମାନିତ ଅତିଥି ସତ୍ୟବନ୍ତ ବେଦବାକ ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ମଂଚାସୀନ ଅତିଥିଗଣ ଶ୍ରୀ ଗଣେଷଙ୍କୁ ପୂର୍ଜନା କଲା ପରେ କସ୍ତୁରୀ ରଥ ଙ୍କ ସଂଯୋଜନା ରେ ଅନୁଷ୍ଠିତ ସଭାରେ ସଭ୍ୟ ପ୍ରଫେସର ତରୁଣ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସେମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ । ସଂସଦର ସଭ୍ୟା କବିତା ମିଶ୍ର ଏବଂ ଅନୁପ୍ରିୟା ମିଶ୍ର ମଂଚାସୀନ ଅତିଥିଗଣଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଉପ-ସଭାପତି ଜୟରାମ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସଂସଦ ସଂପର୍କରେ ସୂଚନା ଦେଇଥିଲେ । ଅତିଥିଗଣ ରେଳ ଉପଭୋକ୍ତା ସଂଘ, ବଲାଙ୍ଗିର ପୂର୍ବତନ ସଭାପତି ନୀଳମଣି ମିଶ୍ର, ବିକ୍ରମାନନ୍ଦ ବହିଦାର, ଧର୍ମବ୍ରତ ରଥ ତଥା ପୂର୍ବତନ ସମ୍ପାଦକ ଜୟରାମ ମିଶ୍ର, ଗୋପବନ୍ଧୁ ପୁରୋହିତ ଏବଂ ବର୍ତ୍ତମାନ କାର୍ଯ୍ୟରତ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ସମ୍ପାଦକ ଦିବାକର ହୋତାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ପୂର୍ବତନ ସମ୍ପାଦକ ଶଙ୍କର ପ୍ରସାଦ ହୋତା ଏବଂ ନାରାୟଣ ପାଢୀଙ୍କ ମାନପତ୍ର ପଠନ କରାଯାଇଥିଲା । ପରେ ଅତିଥି ଗଣ ଅଂଚଳର ରେଳପଥର ବିକାଶ ପାଇଁ ବଲାଙ୍ଗିର-ନୂଆପଡା ଏବଂ ବରଗଡ - ରାୟପୁର ନୂତନ ରେଳପଥର ନିର୍ମାଣ ତଥା ସମ୍ବଲପୁର ଟିଟିଲାଗଡ ରେଳପଥରକୁ ତିନିଲେନ୍ ବିଶିଷ୍ଟ କରିବା ଓ ଅନ୍ୟାନ୍ୟ ବିକାଶ କାର୍ଯ୍ୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଭବାନୀ ଶଙ୍କର ଶତପଥି, ଧନଞ୍ଜୟ ମିଶ୍ର, ପ୍ରଭାକର ମିଶ୍ର, ମଧୁସୁଦନ ନାୟକ, ଧର୍ମବ୍ରତ ରଥ, ପ୍ରଶନ୍ନ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ମହାକୁର, ଗିରିଜା ଶଙ୍କର ରଥ, ରତ୍ନରାଜ ସିଂ, ମହେଶ୍ୱର ସାହୁ, ଗୌର ଚନ୍ଦ୍ରପୁରୋହିତ, ମୋତିଲାଲ ସାହୁ, ନରେନ୍ଦ୍ର ବର୍ଗର୍ତ୍ତି, ଅଜିତ ପୁଜାରୀ, ଅନନ୍ତ ବିଶୋଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।